# REGIONAL NEWS UNIT, AIR CUTTACK

**Morning Bulletin (7.05 AM)**

**7 November – 2024**

---

# ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ

ରାଜ୍ୟରେ ଖୁବ୍‌ଶୀଘ୍ର ଗୋଦବାରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପ୍ରତି ପଞ୍ଚାୟତରେ ଏହି ଯୋଜନା ଅଧୀନରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ । ପ୍ରାଥମିକ ଶିକ୍ଷାର ଉନ୍ନତି ସଂପର୍କିତ ସମୀକ୍ଷା ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ସତ୍ୟବାଦୀ ବନବିଦ୍ୟାଳୟ ପରି ରାଜ୍ୟରେ ୬ ହଜାର ୭୯୪ଟି ବିଦ୍ୟାଳୟରେ ଆଦର୍ଶ ଶୈକ୍ଷିକ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ବିଦ୍ୟାଳୟଗୁଡ଼ିକରେ କ୍ରୀଡ଼ା, ବ୍ୟାୟାମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ପ୍ରଦାନ ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ୧୦୦ ବର୍ଷରୁ ଅଧିକ ପୁରାତନ ବିଦ୍ୟାଳୟ କିମ୍ବା ସ୍ୱାଧୀନତା ପୂର୍ବର ବିଦ୍ୟାଳୟ ଗୁଡ଼ିକର ଐତିହ୍ୟ ବିଦ୍ୟାଳୟରେ ପରିଣତ କରିବା ନେଇ ସରକାର ବିଚାର କରୁଥିବା ବୈଠକରୁ ଜଣାପଡ଼ିଛି ।

---

## ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତି ମାସରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରୀତା ନେଇ ସମୀକ୍ଷା କରିବେ । ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ବିଭାଗୀୟ ଉପଲବ୍ଧି, କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ମୁଖ୍ୟମନ୍ତ୍ରୀ ପ୍ରତି ମାସରେ ସମୀକ୍ଷା କରିବେ । ଏ ନେଇ ବିଭାଗୀୟ ପ୍ରଶାସନିକ ମୁଖ୍ୟଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଅକ୍ଟୋବର ମାସର ବିଭାଗୀୟ କାର୍ଯ୍ୟଧାରା ନେଇ ଆସନ୍ତା ୭ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି ବୋଲି ଶ୍ରୀ ଧଳ କହିଛନ୍ତି ।

## ବାତ୍ୟା କ୍ଷୟକ୍ଷତି

ବାତ୍ୟା 'ଦାନା' କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକୁ ପ୍ରାଥମିକ ପର୍ଯ୍ୟାୟରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏଥିପାଇଁ ୪ଶହ ୨୩ କୋଟି ୫ଲକ୍ଷ ଟଙ୍କା ସହାୟତା ରାଶି ଦିଆଯାଇଛି । ଶସ୍ୟ କ୍ଷୟକ୍ଷତି ପାଇଁ ସର୍ବାଧିକ ୮୨ ଲକ୍ଷ ୯୨ ହଜାର ୮୧୭ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସମ୍ପତ୍ତି କ୍ଷୟକ୍ଷତି ବାବଦରେ ୨୯ଲକ୍ଷ ୩୪ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏ ସଂପର୍କରେ ସୂଚନା

ଦେଇ ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଅନ୍‌ଲାଇନ୍ ମାଧ୍ୟମରେ ଏହି ଅର୍ଥ  ସଂପୃକ୍ତ ଜିଲ୍ଲା ପ୍ରଶାସନ ନିକଟକୁ ପଠାଇ ଦିଆଯାଇଛି । ସପ୍ତାହକ ମଧ୍ୟରେ ଅର୍ଥ ଆବଣ୍ଟନ ନେଇ ପଦକ୍ଷେପ ନେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ପ୍ରଭାବରେ  ୬ଶହ ୧୬ କୋଟି ୧୯ଲକ୍ଷ ୩ ହଜାର ଟଙ୍କାର କ୍ଷୟକ୍ଷତି ହୋଇଥିବା ବିଭାଗ ପକ୍ଷରୁ ଆକଳନ କରାଯାଇଛି ।

# ବିଦ୍ୟୁତ୍ ଗ୍ରୀଡ୍

ରାଜ୍ୟରେ ନିର୍ମାଣାଧୀନ ୩୩/୧୧ କେଭି ବିଦ୍ୟୁତ୍ ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟ ଆସନ୍ତାବର୍ଷ ସୁଦ୍ଧା ଶେଷକରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି । ଶକ୍ତି ବିଭାଗର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ସମୟସୀମା ମଧ୍ୟରେ ପୁରୁଣା ଟ୍ରାନ୍ସଫର୍ମର ଏବଂ ଗ୍ରୀଡ୍ ଗୁଡ଼ିକର ଉନ୍ନତି ତଥା ପୁନରୁଦ୍ଧାର ପାଇଁ ପରାମର୍ଶ ଦେଇଛନ୍ତି । ଆବଶ୍ୟକ ସ୍ଥାନ ଚିହ୍ନଟ କରି ହାତୀ କରିଡର ଏବଂ ଏହା ପାର୍ଶ୍ୱବର୍ତ୍ତୀ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଶ୍ରୀ ସିଂହଦେଓ ଗୁରୁତ୍ୱ ଦେଇଛନ୍ତି । ବୈଠକରେ ପି.ଏମ୍. ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଏବଂ ପ୍ରତ୍ୟେକ ଘରକୁ ବିଦ୍ୟୁତ୍ ଯୋଗାଣ ନେଇ ଆଲୋଚନା ହୋଇଛି । ପି.ଏମ୍. ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା

ରାଜ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଟାଟା ପାଓ୍ୱାର କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

---

# ଜୈବିକ ସାର

ରାଜ୍ୟରେ ଜୈବିକ କୃଷିର ଗୁରୁତ୍ୱ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଘରୋଇ କ୍ଷେତ୍ରକୁ ସାମିଲ କରିବା ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗତକାଲି ଭୁବନେଶ୍ୱରଠାରେ ଇସ୍ରାଏଲ୍‌ର ଇନ୍‌ସେକ୍ଟିକା କମ୍ପାନୀର ଅଧ୍ୟକ୍ଷ ବେଞ୍ଜାମିନ ରୁବିନ୍‌ଙ୍କ ସହ ଆଲୋଚନା କରିଛନ୍ତି । କମ୍ପାନୀ ଦ୍ୱାରା ପ୍ରସ୍ତୁତ ଜୈବିକ ସାରକୁ ଓଡ଼ିଶାରେ ବିକ୍ରୟ ନେଇ ଶ୍ରୀ ରୁବିନ୍ ପ୍ରସ୍ତାବ ଦେଇଛନ୍ତି । ଯାଞ୍ଚ ପରେ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

---

# ବାଚସ୍ପତି

କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ସମୟରେ ଏହାର ସକାରାତ୍ମକ ଏବଂ ନକାରାତ୍ମକ ଉଭୟ ଦିଗ ପ୍ରତି ସଚେତନ ହୋଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘର ୬୭ତମ ସମ୍ମିଳନୀରେ ଯୋଗଦେଇ ବାଚସ୍ପତି **ସଂସଦୀୟ କାର୍ଯ୍ୟ ପଦ୍ଧତି ଓ କାର୍ଯ୍ୟଧାରାରେ**

**କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ, ସୁଯୋଗ ଓ ଆହ୍ୱାନ** ଶୀର୍ଷକ କର୍ମଶାଳାରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ସେ କହିଛନ୍ତି ନୂତନ ଜ୍ଞାନକୌଶଳର ପ୍ରୟୋଗ ଦ୍ୱାରା ପାରମ୍ପରିକ କାର୍ଯ୍ୟ ପଦ୍ଧତି ଏବଂ ଧାରାରେ ପରିବର୍ତ୍ତନ ଆସିଛି ।

ଏହି କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ବାଚସ୍ପତି ବ୍ୟବସ୍ଥାପକ ସଭାର ସମର୍ଥନ ଓ ସହଯୋଗରେ ତୃତୀୟଲିଙ୍ଗୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ମତ ଉପସ୍ଥାପନ କରିଥିଲେ ।

---

# ମେଘନାଦ ପାଚେରୀ ମରାମତି

ପୁରୀ ଶ୍ରୀମନ୍ଦିର ମେଘନାଦ ପାଚେରୀର ପାଣି ନିର୍ଗତ ସ୍ଥାନ ଗୁଡ଼ିକୁ ନିରୀକ୍ଷଣ କରାଯାଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟ ଚାଲିଛି । କାର୍ତ୍ତିକ ମାସ ପରେ ପାଚେରୀର ଗ୍ରାଉଟିଙ୍ଗ୍ କାମ କରାଯିବାକୁ  ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି। ଆନନ୍ଦ ବଜାର ଜଳନିଷ୍କାନ ନେଇ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବାକୁ ମନ୍ଦିରର ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମେଘନାଦ ପାଚେରୀରୁ ପାଣି ନିର୍ଗତ ନେଇ ସ୍ଥାୟୀ

ପ୍ରତିକାର ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଡକ୍ଟର ପାଢ଼ୀ ସୂଚନା ଦେଇଛନ୍ତି ।

## ଚଳଚ୍ଚିତ୍ର ପୁରସ୍କାର

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଆସନ୍ତା ୧୭ ତାରିଖରେ ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ସୂଚନା ଦେଇ କହିଛନ୍ତି ଗତବର୍ଷ ଅଗଷ୍ଟ ମାସରେ ୨୦୨୦, ୨୦୨୧ ଏବଂ ୨୦୨୨ ମସିହା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ଆଧାରରେ ୪୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ର ପଞ୍ଜୀକୃତ ହୋଇଥିଲା ବୋଲି ମନ୍ତ୍ରୀ ଶ୍ରୀ ସୂରଜ ସୂଚନା ଦେଇଛନ୍ତି ।

## ଫର୍ମ ପୂରଣ

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସଂସ୍କୃତ ମଧ୍ୟମା ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରଥମ ବାର୍ଷିକ ପରୀକ୍ଷା ପାଇଁ ଆସନ୍ତା ୮ ତାରିଖରୁ ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହେବ । ମଧ୍ୟମା ଛାତ୍ରଛାତ୍ରୀ ଅଫ୍‌ଲାଇନ୍ ମାଧ୍ୟମରେ ଫର୍ମ ପୂରଣ କରିପାରିବେ । ତେବେ ଅନଲାଇନ ମାଧ୍ୟମରେ ମୁକ୍ତ ବିଦ୍ୟାଳୟର  ଛାତ୍ରଛାତ୍ରୀଙ୍କ ଫର୍ମ ପୂରଣ ନେଇ ବ୍ୟବସ୍ଥା ହୋଇଛି । ଆସନ୍ତା ୨୮ ତାରିଖ ସୁଦ୍ଧା ଫର୍ମପୂରଣ ପ୍ରକ୍ରିୟା ଶେଷ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି ।